# NATIONAL NEWS BULLETIN (ODIA)

## 27 April - 2024

## Evening Bulletin : 7.15 p.m.

********************************

## ମୁଖ୍ୟ ସମ୍ବାଦ

- ବିଜେପି ତୃତୀୟ ଥର ଲାଗି କ୍ଷମତାକୁ ଆସିଲେ ଭାରତ ବିଶ୍ୱର ସର୍ବୋଚ୍ଚ ତିନୋଟି ଅର୍ଥ ବ୍ୟବସ୍ଥା ମଧ୍ୟରେ ସ୍ଥାନ ପାଇବ ବୋଲି ବରିଷ୍ଠ ବିଜେପି ନେତା ଅମିତ ଶାହା ଦୃଢୋକ୍ତି ପ୍ରକାଶ କରିଛନ୍ତି ।
- ବିଜୁ ଜନତା ଦଳ ଓଡ଼ିଶାରେ ଆଉ ତିନୋଟି ଏବଂ ବିଜେପି ଆଉ ୮ଟି ବିଧାନସଭା ଆସନ ଲାଗି ନିଜ ନିଜ ଦଳୀୟ ପ୍ରାର୍ଥୀଙ୍କ ନାମ ଘୋଷଣା କରିଛନ୍ତି ।
- ଉତ୍ତରାଖଣ୍ଡର ପାର୍ବତ୍ୟ ଜିଲ୍ଲା ଗୁଡ଼ିକର ୫୭୫ଟି ଜଙ୍ଗଲରେ ନିଆଁ ଲାଗିବା ଯୋଗୁଁ ୬୮୯ ଦଶମିକ୍ ୮/୯ ହେକ୍ଟର ଜମି କ୍ଷତିଗ୍ରସ୍ତ ହୋଇଛି ।
- ଦେଶରେ ନଦୀ ଗୁଡ଼ିକ ଦ୍ରୁତ ଗତିରେ ଶୁଖିବାରେ ଲାଗିଥିବାରୁ ଉଦ୍‌ବେଗ ପ୍ରକାଶ କଲେ କେନ୍ଦ୍ରୀୟ ଜଳ ଆୟୋଗ ।

ଏବଂ

- ଆଇପିଏଲ୍‌ର ଦ୍ୱିତୀୟ ମ୍ୟାଚ୍‌ରେ ଆଉ କିଛି ସମୟ ପରେ ରାଜସ୍ଥାନ ରୟାଲ୍ସ ଓ ଲକ୍ଷ୍ନୌ ସୁପର ଜ୍ୟାଣ୍ଟସ୍ ମଧ୍ୟରେ ମୁକାବିଲା ହେବ ।

## ଅମିତ ଶାହା

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ନେତୃତ୍ୱାଧୀନ ବିଜେପି ସରକାର ତୃତୀୟ ଥର ଲାଗି କ୍ଷମତାକୁ ଆସିଲେ ଭାରତ ବିଶ୍ୱର ସର୍ବୋଚ୍ଚ ତିନୋଟି ଅର୍ଥ ବ୍ୟବସ୍ଥା ମଧ୍ୟରେ ସ୍ଥାନ ପାଇବ ବୋଲି ବରିଷ୍ଠ ବିଜେପି ନେତା ଅମିତ ଶାହା ଦୃଢୋକ୍ତି ପ୍ରକାଶ କରିଛନ୍ତି । ଆଜି ଗୁଜରାଟର ପୋରବନ୍ଦର ଠାରେ ଏକ ନିର୍ବାଚନୀ ର୍‌ୟାଲିକୁ ଉଦ୍‌ବୋଧନ ଦେଇ ସେ ଏହା କହିଛନ୍ତି । ଗତ ୧୦ ବର୍ଷ ମଧ୍ୟରେ ବିଜେପି ସରକାର ଧାରା ୩୭୦ ଉଚ୍ଛେଦ କରିବା, ରାମ ମନ୍ଦିର ନିର୍ମାଣ, ଦେଶରେ ସନ୍ତ୍ରାସବାଦ ଏବଂ ନକ୍ସଲବାଦକୁ ସଫଳତାର ସହ ନିୟନ୍ତ୍ରଣ କରିବା ସହିତ ଶାନ୍ତି ଫେରାଇ ଆଣିବା ଦିଗରେ ନେଇଥିବା ଐତିହାସିକ ନିଷ୍ପତ୍ତି ଲାଗି ଶ୍ରୀ ଶାହା’ ପ୍ରଧାନମନ୍ତ୍ରୀ ଶ୍ରୀ ମୋଦୀଙ୍କୁ ଶ୍ରେୟ ଦେଇଛନ୍ତି । ଚଳିତ ସାଧାରଣ ନିର୍ବାଚନରେ ବିଜେପି ଗୁଜରାଟର ସମସ୍ତ ୨୬ଟି ଯାକ ସଂସଦୀୟ ଆସନରେ ବିଜୟଲାଭ କରିବା ସହିତ କ୍ରମାଗତ ତୃତୀୟଥର ଲାଗି କେନ୍ଦ୍ରରେ କ୍ଷମତାସୀନ ହେବ ବୋଲି ସେ ଆଶାବ୍ୟକ୍ତ କରିଛନ୍ତି । ଏହାଛଡ଼ା ଗୁଜରାଟର ଅନେକ ସ୍ଥାନରେ ଥିବା ଜଳ ସମସ୍ୟାକୁ

କେବଳ ବିଜେପି ସରକାର ହିଁ ସମାଧାନ କରିପାରିବା ସହ ରାଜ୍ୟର ସାମଗ୍ରୀକ ସମୃଦ୍ଧି ସାଧନ କରିପାରିଛି ବୋଲି ଶ୍ରୀ ଶାହା ମତବ୍ୟକ୍ତ କରିଛନ୍ତି । ତେବେ ଭୋଟ୍ ବ୍ୟାଙ୍କ୍ ରାଜନୀତି ଏବଂ ତୁଷ୍ଟିକରଣ ନୀତି ଲାଗି ଶ୍ରୀ ଶାହା କଂଗ୍ରେସ ଦଳକୁ ସମାଲୋଚନା କରିଛନ୍ତି ।

ଅନ୍ୟ ପକ୍ଷରେ କଂଗ୍ରେସର ସାଧାରଣ ସମ୍ପାଦକ ପ୍ରିୟଙ୍କା ଗାନ୍ଧି ଭଦ୍ରା ଭାଲ୍‌ସାଦ୍ ଜିଲ୍ଲାର ଧରମପୁର ଠାରେ ଅନୁଷ୍ଠିତ ଏକ ନିର୍ବାଚନୀ ର୍‍ୟାଲିକୁ ଆଜି ସମ୍ବୋଧିତ କରିଛନ୍ତି ।  ଗତ ୧୦ ବର୍ଷ ମଧ୍ୟରେ ଗରିବ ଏବଂ ଜନଜାତି ଲୋକଙ୍କ ପ୍ରତି ବିଜେପି ସରକାର ଅନ୍ୟାୟ କରିବା ସହିତ ବେକାରୀ ଏବଂ ମୁଦ୍ରାସ୍ଫିତି ଭଳି ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗକୁ ଏଡ଼ା ଯାଇଛି ବୋଲି ଶ୍ରୀମତି ଗାନ୍ଧୀ ଅଭିଯୋଗ କରିଛନ୍ତି । କଂଗ୍ରେସ ଦଳ ଯଦି କ୍ଷମତାକୁ ଆସେ ତେବେ ଜନଜାତି ବର୍ଗ ଲୋକଙ୍କ ଲାଗି ଏକ ସ୍ୱତନ୍ତ୍ର ବଜେଟ୍ ବ୍ୟୟବରାଦ କରିବା ସହ ଗରିବ, କୃଷକ ଏବଂ ଅବହେଳିତ ଲୋକଙ୍କ କଲ୍ୟାଣ ଲାଗି କାର୍ଯ୍ୟ କରିବା ସହିତ ଦଳର ନିର୍ବାଚନୀ ଇସ୍ତାହାରରେ ଦିଆଯାଇଥିବା ପ୍ରତିଶ୍ରୁତିକୁ ପାଳନ କରିବ ବୋଲି ସେ କହିଛନ୍ତି । ଏହାଛଡ଼ା ଦେଶର ପ୍ରାୟ ୩୦ଲକ୍ଷ ବେକାରୀ ଯୁବକଯୁବତୀଙ୍କୁ କାର୍ଯ୍ୟପନ୍ଥା ଯୋଗାଇ ଦେବା ସହିତ **MNREGA** ଯୋଜନା ଅଧୀନରେ  ଉଭୟ ଗ୍ରାମାଞ୍ଚଳ ଓ ସହରାଞ୍ଚଳରେ ଲୋକଙ୍କୁ ଅତି କମ୍‌ରେ ୧୦୦ ଦିନର ନିଯୁକ୍ତି ସୁବିଧା କଂଗ୍ରେସ ଯୋଗାଇଦେବ ବୋଲି ସେ କହିଛନ୍ତି ।

# ପ୍ରାର୍ଥୀ ଘୋଷଣା

ଭାରତୀୟ ଜନତା ପାର୍ଟି ଏବଂ ବିଜୁ ଜନତା ଦଳ ପକ୍ଷରୁ ଆଜି ଓଡ଼ିଶା ଲାଗି କେତେ ଜଣ ବିଧାନସଭା ପ୍ରାର୍ଥୀଙ୍କର ନାମ ଘୋଷଣା କରାଯାଇଛି। ବିଜେପି ୮ଟି ବିଧାନସଭା ଆସନ ପାଇଁ ପ୍ରାର୍ଥୀଙ୍କ ନାମ ଘୋଷଣା କରିଛି। ସାଲେପୁର ବିଧାନସଭା ଆସନ ପାଇଁ ବିଜେପି ପକ୍ଷରୁ ଅରିନ୍ଦମ ରାୟ, ହିନ୍ଦୋଳରୁ ସୀମାରାଣୀ ନାୟକ, ତେଲକୋଇରୁ ଫକୀର ମୋହନ ନାୟକ, ଚମ୍ପୁଆରୁ ମୁରଲୀ ମନୋହର ଶର୍ମା, ବସ୍ତାରୁ ରବୀନ୍ଦ୍ର ଅଣ୍ଡିଆ, ଖୋର୍ଦ୍ଧାରୁ ପ୍ରଶାନ୍ତ ଜଗଦ୍ଦେବ, କେନ୍ଦ୍ରାପଡ଼ାରୁ ଗୀତାଞ୍ଜଳି ସେଠୀ, ବାସୁଦେବପୁରରୁ ବାଣୀ କଲ୍ୟାଣ ମହାନ୍ତି ପ୍ରାର୍ଥୀ ହୋଇଛନ୍ତି।

ଅନ୍ୟପକ୍ଷରେ ବିଜେଡି ୩ଟି ଆସନ ଭୋଗରାଇରୁ ଗୌତମବୁଦ୍ଧ ଦାସ, ଖୋର୍ଦ୍ଧାରୁ ରାଜେନ୍ଦ୍ର ସାହୁ ଏବଂ ବେଗୁନିଆରୁ ପ୍ରଦୀପ ସାହୁଙ୍କୁ ପ୍ରାର୍ଥୀ କରିଛି।

ସୂଚନାଯୋଗ୍ୟ, ବର୍ତ୍ତମାନ ସୁଦ୍ଧା ଭାରତୀୟ ଜନତା ପାର୍ଟି ୭ଟି, କଂଗ୍ରେସ ୮ଟି ଏବଂ ବିଜେଡି ୩ଟି ବିଧାନସଭା ଆସନ ପାଇଁ ପ୍ରାର୍ଥୀଙ୍କ ନାମ ଘୋଷଣା କରିବାକୁ ଆହୁରି ବାକି ରହିଛି। ହେଲେ ଏହି ତିନି ପ୍ରମୁଖ ଦଳ ରାଜ୍ୟରେ ହେବାକୁ ଥିବା ପ୍ରଥମ ଏବଂ ଦ୍ୱିତୀୟ ପର୍ଯ୍ୟାୟ ନିର୍ବାଚନ ପାଇଁ ୯ଟି ଲୋକସଭା ଏବଂ ୬୩ଟି ବିଧାନସଭା ଆସନ ପାଇଁ ପୂର୍ବରୁ ପ୍ରାର୍ଥୀ ଘୋଷଣା କରିସାରିଛନ୍ତି।

## ଖଡ଼ଗେ-ଗୌହାଟୀ

କଂଗ୍ରେସ ଦଳ ସଭାପତି ମଲ୍ଲିକାର୍ଜୁନ ଖଡ଼ଗେ କହିଛନ୍ତି, ତାଙ୍କ ଦଳ ନିର୍ବାଚନୀ ଇସ୍ତାହାରରେ ଜନସାଧାରଣଙ୍କୁ ଦେଇଥିବା ୫ନ୍ୟାୟ ଓ ୨୫ ଗ୍ୟାରେଣ୍ଟିକୁ ପୂର୍ଣ୍ଣ କରିବ । ଆଜି ଗୌହାଟୀଠାରେ ଗଣମାଧ୍ୟମକୁ ଶ୍ରୀ ଖଡ଼ଗେ ଏହା କହିଛନ୍ତି । ଗତ ୧୦ ବର୍ଷ ମଧ୍ୟରେ ବିଜେପି ଜନସାଧାରଣଙ୍କୁ ଦେଇଥିବା ପ୍ରତିଶ୍ରୁତି ପାଳନ କରିବା ଦିଗରେ ବିଫଳ ହୋଇଥିବାରୁ ସେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କୁ ସମାଲୋଚନା କରିଛନ୍ତି । ସେ କହିଛନ୍ତି, ବିଜେପି ସରକାର ନିଜ ନିର୍ବାଚନୀ ଇସ୍ତାହାରରେ ପ୍ରତିବର୍ଷ ୨ କୋଟି ନିଯୁକ୍ତି ସୁଯୋଗ ସୃଷ୍ଟି କରିବା ସହିତ ଚାଷୀଙ୍କ ଆୟକୁ ଦ୍ୱିଗୁଣିତ କରିବାର ପ୍ରତିଶ୍ରୁତି ଦେଇଥିଲା । ତେବେ ଏହା ପାଳନ କରିବାରେ ବିଜେପି ବିଫଳ ହୋଇଛି ବୋଲି ଶ୍ରୀ ଖଡ଼ଗେ ଅଭିଯୋଗ କରିଛନ୍ତି ।

## ଇଲେକ୍‌ସନ୍

ନାଗାଲାଣ୍ଡର ସମସ୍ତ ୩୯ଟି ମ୍ୟୁନିସିପାଲ୍ ଏବଂ ଟାଉନ୍ କାଉନ୍‌ସିଲ୍ ଲାଗି ଆସନ୍ତା ଜୁନ୍ ୨୬ ତାରିଖରେ ନିର୍ବାଚନ ଅନୁଷ୍ଠିତ ହେବ । ଗତକାଲି ଅନୁଷ୍ଠିତ ରାଜ୍ୟ କ୍ୟାବିନେଟ୍ ବୈଠକରେ ଏ ସମ୍ପର୍କିତ ଏକ ପ୍ରସ୍ତାବକୁ ମଞ୍ଜୁରୀ ମିଳିଛି । ଚଳିତ ଥର ରାଜ୍ୟରେ ପ୍ରଥମଥର ଲାଗି ମହିଳାଙ୍କ

ନିମନ୍ତେ ୩୩ ପ୍ରତିଶତ ସଂରକ୍ଷଣ ସହିତ ପୌର ନିର୍ବାଚନ ଅନୁଷ୍ଠିତ ହେବ । ଏଥିଲାଗି ଜୁନ୍ ୭ ତାରିଖରୁ ୧୧ ତାରିଖ ଅପରାହ୍ଣ ୩ଟା ମଧ୍ୟରେ ପ୍ରାର୍ଥୀପତ୍ର ଦାଖଲ କରିବାକୁ ପଡ଼ିବ । ୧୩ ତାରିଖ ଦିନ ପ୍ରାର୍ଥୀପତ୍ର ଯାଞ୍ଚ କରାଯିବ ଏବଂ ଜୁନ୍ ୨୦ ତାରିଖ ହେଉଛି ପ୍ରାର୍ଥୀପତ୍ର ପ୍ରତ୍ୟାହାରର ଶେଷ ଦିନ ।

## ଗୁରୁଦ୍ୱାର-ବିଜେପି

ଦିଲ୍ଲୀ ଶିଖ୍ ଗୁରୁଦ୍ୱାର ପରିଚାଳନା କମିଟିର ଅନେକ ସଦସ୍ୟ ଆଜି ବିଜେପିରେ ଯୋଗ ଦେଇଛନ୍ତି । ଏହି ଅବସରରେ ବିଜେପି ରାଷ୍ଟ୍ରୀୟ ଅଧ୍ୟକ୍ଷ ଜେ.ପି. ନଡ୍ଡା କହିଛନ୍ତି, ବିଜେପି ହେଉଛି ଦେଶର ଏକମାତ୍ର ଦଳ ଯିଏକି ଦେଶର ଏକତା, ଅଖଣ୍ଡତା ଏବଂ ସୁରକ୍ଷା ଦିଗରେ ସଫଳତାର ସହ କାର୍ଯ୍ୟ କରିପାରିବ । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଶିଖ୍ ସମ୍ପ୍ରଦାୟର ଜନସାଧାରଣଙ୍କ କଲ୍ୟାଣ ଲାଗି ପ୍ରଚେଷ୍ଟା ଜାରି ରଖିଛନ୍ତି । ଦେଶ ଉପରେ ହୋଇଥିବା ସମସ୍ତ ଆକ୍ରମଣର ଉଚିତ୍ ଜବାବ ଦେବା ସହିତ ବିଜୟ ହାସଲ କରିବା ଦିଗରେ ଶିଖ୍ ସମ୍ପ୍ରଦାୟର ଅବଦାନ ଅତୁଳନୀୟ ବୋଲି ଶ୍ରୀ ନଡ୍ଡା କହିଛନ୍ତି ।

## ଫରେଷ୍ଟ ଫାୟାର୍

ଉତ୍ତରାଖଣ୍ଡର ଘରୱାଲ୍ ଏବଂ କୁମାଓଁ ଡିଭିଜନ୍ ଅନ୍ତର୍ଗତ ପାର୍ବତ୍ୟ ଜିଲ୍ଲା ଗୁଡ଼ିକର ୫୭୫ଟି ଜଙ୍ଗଲରେ ନିଆଁ ଲାଗିଥିବା ଜଣାଯାଇଛି । ଏହାର ପ୍ରଭାବରେ ପ୍ରାୟ ୬୮୯ ଦଶମିକ୍ ୮/୯ ହେକ୍ଟର ଜଙ୍ଗଲ ଜମି କ୍ଷତିଗ୍ରସ୍ତ ହୋଇଛି । ରାଜ୍ୟ ଅଗ୍ନି ଓ ବିପର୍ଯ୍ୟୟ ପ୍ରସମନ ସଂସ୍ଥାର ରିପୋର୍ଟ ଅନୁଯାୟୀ ଏହି ଜଙ୍ଗଲ ନିଆଁ ଯୋଗୁଁ ୧୪ଲକ୍ଷ ୪୧ ହଜାର ୭୭୧ ଟଙ୍କା ମୂଲ୍ୟର ଜଙ୍ଗଲ ସମ୍ବଳ ନଷ୍ଟ ହୋଇଛି । ଇତିମଧ୍ୟରେ ନୈନିତାଲ ଜଙ୍ଗଲରେ ଲାଗିଥିବା ନିଆଁକୁ ଲିଭାଇବା ଲାଗି ଭାରତୀୟ ବାୟୁ ସେନାର **MI-17** ହେଲିକପ୍ଟରର ସହାୟତା ନିଆଯାଇଛି । ଏହି ହେଲିକପ୍ଟରଟି ଭିମ୍‌ତାଲ ହ୍ରଦରୁ ପାଣି ନେଇ ନିଆଁ ଲିଭାଇବାକୁ ପ୍ରଚେଷ୍ଟା ଜାରି ରଖିଛି । ନୈନିତାଲ ଜିଲ୍ଲାରେ ଜଙ୍ଗଲ ନିଆଁକୁ ନିଅନ୍ତ୍ରଣ କରିବା ଦିଗରେ ସମସ୍ତ ଆବଶ୍ୟକ ପଦକ୍ଷେପ ନିଆଯାଉଛି ବୋଲି ମୁଖ୍ୟମନ୍ତ୍ରୀ ପୁଷ୍କର ସିଂହ ଧାମି କହିଛନ୍ତି । ଆଜି ସନ୍ଧ୍ୟାରେ ଜଙ୍ଗଲ ନିଆଁ ସ୍ଥିତିର ସମୀକ୍ଷା କରିବା ଲାଗି ମୁଖ୍ୟମନ୍ତ୍ରୀ ଶ୍ରୀ ଧାମି ଏକ ଉଚ୍ଚସ୍ତରୀୟ ବୈଠକ ଡାକିଥିବା ଜଣାଯାଇଛି ।

## ଜଳ ସଂକଟ

ଦେଶର ନଦୀ ଗୁଡ଼ିକ ଦ୍ରୁତ ଗତିରେ ଶୁଖିବାରେ ଲାଗିଛି ବୋଲି କେନ୍ଦ୍ରୀୟ ଜଳ ଆୟୋଗଙ୍କ ରିପୋର୍ଟରୁ ଜଣାପଡ଼ିଛି । ରିପୋର୍ଟରୁ ମିଳିଥିବା

ସୂଚନା ଅନୁଯାୟୀ ଦେଶ ବ୍ୟାପି ବିଭିନ୍ନ ସ୍ଥାନରେ ଠିକ୍ ପରିମାଣର ବର୍ଷା ହେଉନଥିବାରୁ ସ୍ଥିତି ଅଧିକ ଗୁରୁତର ହୋଇଯାଇଛି । ଏପରିକି ହିମାଳୟ କ୍ଷେତ୍ରରୁ ବାହାରିଥିବା ଗଙ୍ଗା ଯମୁନା ଭଳି ନଦୀ ଅବବାହିକା ଅଞ୍ଚଳରେ ମଧ୍ୟ ମରୁଡ଼ି ସ୍ଥିତି ଗମ୍ଭୀର ହେବାରେ ଲାଗିଛି । ଗଙ୍ଗାନଦୀ ପ୍ରବାହିତ ହେଉଥିବା ୧୧ଟି ରାଜ୍ୟର ପ୍ରାୟ ୨ଲକ୍ଷ ୮୬ ହଜାର ଗ୍ରାମରେ ଜଳ ଉପଲବ୍ଧତା ହ୍ରାସ ପାଉଛି । ଏଥିଲାଗି ପ୍ରକୃତି, ଜଳବାୟୁ ପରିବର୍ତ୍ତନ ସହିତ ଅନେକ ଗୁଡ଼ିଏ ମନୁଷ୍ୟକୃତ କାରଣ ରହିଥିବା ଏହି ରିପୋର୍ଟରେ କୁହାଯାଇଛି ।  ଦେଶରେ ୧୩ଟି ବଡ଼, ୪୫ଟି ମଧ୍ୟମଧରଣର ଏବଂ ୫୫ଟି କ୍ଷୁଦ୍ର ଜଳଗ୍ରହଣ କ୍ଷେତ୍ର ରହିଛି । ମିଳିଥିବା ତଥ୍ୟ ଅନୁଯାୟୀ ପାଣି କ୍ଷେତ୍ରରେ ସାରା ବିଶ୍ୱରେ ଭାରତ ସର୍ବାଧିକ ସମୃଦ୍ଧ ଦେଶ । ତେବେ ୮୫ ପ୍ରତିଶତ ବର୍ଷା ପାଣି ୩ ମାସରେ ସମୁଦ୍ରକୁ ଚାଲିଯାଇଥାଏ ।  କ୍ଷୁଦ୍ର ନଦୀ ଗୁଡ଼ିକ ଏହି ପାଣିକୁ ସଂରକ୍ଷିତ କରି ରଖିଥାନ୍ତି । ମାତ୍ର ଏବେ ଅନେକ କ୍ଷୁଦ୍ର ନଦୀ ଶୁଖିଯାଉଥିବାରୁ ଜଳ ଆୟୋଗ ଉଦ୍‌ବେଗ ପ୍ରକାଶ କରିଛନ୍ତି । ତେଣୁ ବଡ଼ ନଦୀ ଠାରୁ କ୍ଷୁଦ୍ର ନଦୀ ଉପରେ ଅଧିକ ଧ୍ୟାନ ଦେଇ ସେଠାରେ ପାଣି ସଂରକ୍ଷଣ କରି ରଖିବା ଦିଗରେ ଆବଶ୍ୟକ କାର୍ଯ୍ୟାନୁଷ୍ଠାନ ନେବା ଉପରେ ଆୟୋଗ ସୁପାରିଶ କରିଛନ୍ତି । ଏହାଦ୍ୱାରା ଜଳ ସମସ୍ୟାକୁ କେତେକାଂଶରେ ପ୍ରତିହତ କରାଯାଇ ପାରିବ ବୋଲି ଏହି ରିପୋର୍ଟରେ କୁହାଯାଇଛି ।

# ଆର୍ଥକ୍ୱେକ୍

ଜାପାନ୍‌ର ବୋନିନ୍ ଦ୍ୱିପରେ ଆଜି ଅପରାହ୍ଣରେ ଭୂକମ୍ପ ଅନୁଭୂତ ହୋଇଛି । ରିଚର୍ସ୍ ସ୍କେଲ୍‌ରେ ଏହାର ତୀବ୍ରତା ୬ ଦଶମିକ୍ ୯ ରେକର୍ଡ କରାଯାଇଛି । ଟୋକିଓ ସହରର ଦକ୍ଷିଣକୁ ପ୍ରାୟ ୮୭୫ କିଲୋମିଟର ଦୂରରେ ଏହାର ଏ.ପି. ସେଣ୍ଟର ଥିବା ଜଣାଯାଇଛି । ଜାପାନ ପାଣିପାଗ ବିଭାଗ ପକ୍ଷରୁ ମିଳିଥିବା ସୂଚନା ଅନୁଯାୟୀ ଏହି ଭୂକମ୍ପ ଆଜି ଭାରତୀୟ ସମୟ ଅପରାହ୍ଣ ୨ଟା ୩୬ ମିନିଟ୍‌ରେ ଅନୁଭୂତ ହୋଇଥିଲା । କେନ୍ଦ୍ରୀୟ ଟୋକିଓ ସହରରେ ଏହାର ପ୍ରଭାବ ସାମାନ୍ୟ ଅନୁଭୂତ ହୋଇଥିବା ଜଣାଯାଇଛି । ତେବେ ଏହାର ପ୍ରଭାବରେ କୌଣସି କ୍ଷୟକ୍ଷତି ହୋଇନଥିବା ଜଣାଯାଇଛି । ସ୍ଥାନୀୟ ପାଣିପାଗ ବିଭାଗର ପକ୍ଷରୁ ଏଥିଲାଗି କୌଣସି ସୁନାମି ସତର୍କତା ମଧ୍ୟ ଜାରି କରାଯାଇ ନାହିଁ ବୋଲି ଜଣାଯାଇଛି ।

# ଆଇପିଏଲ୍

ଲକ୍ଷ୍ନୌର ଅଟଳବିହାରୀ ବାଜପେୟୀ ଏକ୍‌ନା କ୍ରିକେଟ୍ ଷ୍ଟାଡିୟମ୍‌ରେ ଆଉ କିଛି ସମୟ ପରେ ଆରମ୍ଭ ହେବାକୁ ଥିବା ଆଜିର ଦ୍ୱିତୀୟ ମ୍ୟାଚ୍‌ରେ ରାଜସ୍ଥାନ ରୟାଲ୍ସ ଓ ଲକ୍ଷ୍ନୌ ସୁପର ଜ୍ୟାଣ୍ଟସ୍ ମଧ୍ୟରେ ମୁକାବିଲା ହେବ ।

ମିଳିଥିବା ସୂଚନା ଅନୁଯାୟୀ ରାଜସ୍ଥାନ ରୟାଲ୍ସ ଟସ୍ ଜିତି ପ୍ରଥମେ ବୋଲିଂ କରିବାକୁ ନିଷ୍ପତ୍ତି ନେଇଛି ।

ଦିଲ୍ଲୀର ଅରୁଣ ଜେଟଲୀ ଷ୍ଟାଡିୟମ୍‌ରେ ଅନୁଷ୍ଠିତ ଆଇପିଏଲ୍‌ର ଆଜି ପ୍ରଥମ ମ୍ୟାଚ୍‌ରେ ଦିଲ୍ଲୀ କ୍ୟାପିଟାଲ୍ସ ମୁମ୍ବାଇ ଇଣ୍ଡିଆନ୍ସକୁ ୨୫୮ରନ୍‌ର ବିଜୟଲକ୍ଷ୍ୟ ଧାର୍ଯ୍ୟ କରିଛି । ମୁମ୍ବାଇ ଇଣ୍ଡିଆନ୍ସ ଟସ୍ ଜିତି ପ୍ରଥମେ ବୋଲିଂ କରିବାର ନିଷ୍ପତ୍ତି ନେଇଥିଲା । ପ୍ରଥମେ ବ୍ୟାଟିଂ କରି ଦିଲ୍ଲୀ କ୍ୟାପିଟାଲ୍ସ ନିର୍ଦ୍ଧାରିତ ୨୦ ଓଭରରେ ୪ ୱିକେଟ୍ ହରାଇ ୨୫୭ରନ୍ କରିଥିଲା । ଦଳ ପକ୍ଷରୁ ଓପନର୍ ଜେକ୍ ଫ୍ରେସର୍-ମ୍ୟାକ୍‌ଗୁର୍କ ସର୍ବାଧିକ ୮୪ରନ୍ ସଂଗ୍ରହ କରିଥିଲେ । ସେହିଭଳି ଟ୍ରିସ୍‌ଟାନ୍ ଷ୍ଟବ୍ସ ୪୮ରନ୍ କରି  ଅପରାଜିତ ଥିବା ବେଳେ ସାଇ ହୋପ୍ ୪୧ରନ୍ କରିଥିଲେ ।  ମୁମ୍ବାଇ ଇଣ୍ଡିଆନ୍ସ ପକ୍ଷରୁ ଲୁକ୍ ଉଡ୍, ଯଶପ୍ରିତ୍ ବୁମ୍‌ରା, ପୀୟୂଷ ଚାଓ୍ୱଲା ଓ ମହମ୍ମଦ ନବୀ ଗୋଟିଏ ଲେଖାଏଁ ୱିକେଟ୍ ଅକ୍ତିଆର କରିଥିଲେ ।

ଆମର ହସ୍ତଗତ ହୋଇଥିବା ସୂଚନା ଅନୁସାରେ ମୁମ୍ବାଇ ଇଣ୍ଡିଆନ୍ସ ୧୭ ଓଭର ୪ଟି ବଲ୍‌ରେ ୬ ୱିକେଟ୍ ହରାଇ ୨୧୦ ରନ୍ ସଂଗ୍ରହ କରିଛି ।